# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

**25 November - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆଜି ଅପରାହ୍ଣରେ ବିଶ୍ୱ ସମବାୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ।

- ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ ।

- ବାତ୍ୟା ‘ଦାନା’ର କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ରୀୟ ଟିମ୍‌ଙ୍କ ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲା ଗସ୍ତ ।

ଏବଂ

- ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ପଇତାଲାଗି ନୀତି ପାଇଁ ଆଜି ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ ।

## ସମବୟ ସମ୍ମିଳନୀ-୨୦୨୪

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜି ଅପରାହ୍ଣରେ ଆଇ.ସି.ଏ. ବିଶ୍ୱ ସମବାୟ ସମ୍ମିଳନୀ-୨୦୨୪ ଅନୁଷ୍ଠିତ ହେବ । ଏହାକୁ ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ । ଭାରତ ପ୍ରଥମ ଥରପାଇଁ ଏହି ସମ୍ମିଳନୀ ଏବଂ ଆଇ.ସି.ଏ.ର ସାଧାରଣ ସଭା ଆୟୋଜନ କରୁଛି । ଏହି ସମ୍ମିଳନୀ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । 'ସମବାୟ ସଂସ୍ଥାଗୁଡ଼ିକ ସମସ୍ତଙ୍କ ପାଇଁ ସମୃଦ୍ଧି ସୃଷ୍ଟି କରିଥା'ନ୍ତି' ଶୀର୍ଷକ ଏହି ସମ୍ମିଳନୀରେ ମିଳିତ ଜାତିସଂଘର ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ସମବାୟ ସମିତିଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସୁଯୋଗ ସମ୍ପର୍କରେ ପ୍ୟାନେଲ୍ ଅଧିବେଶନ ଓ କର୍ମଶାଳା ଆୟୋଜିତ ହେବ । ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ୨୫ଟି ଅଧିବେଶନ ରହିଥିବାବେଳେ ୧୦୦ଟି ଦେଶ ଭାଗ ନେଉଛନ୍ତି ।

## ବିଧାନସଭା ଶୀତକାଳୀନ ଅଧିବେଶନ

ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉପସ୍ଥିତ ଥିଲେ ।

ଅଧିବେଶନ କିପରି ସୁରୁଖୁରୁରେ ପରିଚାଳିତ ହେବ ସେ ନେଇ ବୈଠକରେ ବିସ୍ତୃତଭାବେ ଆଲୋଚନା ହୋଇଥିଲା । ଗୃହର ସୁପରିଚାଳନା ପାଇଁ ବାଚସ୍ପତି ସମସ୍ତଙ୍କର ମତାମତ ଏବଂ ସହଯୋଗ ଲୋଡିଛନ୍ତି । ବୈଠକ ସମ୍ପର୍କରେ ସୂଚନା ଦେଇ ବାଚସ୍ପତି କହିଛନ୍ତି ଯେ ବିଧାନସଭା କାର୍ଯ୍ୟବିଧି, ପରିଚାଳନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବାବେଳେ ଏହା ସଫଳ ହୋଇଛି । ଶୃଙ୍ଖଳିତ ଭାବେ ବିଧାନସଭା ପରିଚାଳନା ପାଇଁ ସବୁ ଦଳର ନେତା ପ୍ରତିଶ୍ରୁତି ଦେଇଛନ୍ତି ବୋଲି ବାଚସ୍ପତି କହିଛନ୍ତି ।

## - V/O –

## ବିଜେପି ବୈଠକ

ଭୁବନେଶ୍ୱରଠାରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେଉଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ସଂଗଠନ ସମ୍ପାଦକ ମାନସ ମହାନ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଦଳର ପ୍ରାୟ ସମସ୍ତ ବିଧାୟକ ଉପସ୍ଥିତ ଅଛନ୍ତି । ଆଗାମୀ ଅଧିବେଶନରେ ବିରୋଧୀଙ୍କୁ କିପରି ମୁକାବିଲା କରାଯିବ ସେ ନେଇ ବ୍ୟାପକ ରଣନୀତି ପ୍ରସ୍ତୁତ ହୋଇଛି । ବିରୋଧୀଙ୍କ ସମସ୍ତ ଗଠନମୂଳକ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ଗୃହରେ ଦଳର ସମସ୍ତ ବିଧାୟକ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ

ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଭାବୀ ଢ଼ଙ୍ଗରେ ଉପସ୍ଥାପନ କରିବାକୁ ଦଳୀୟ ନେତୃବୃନ୍ଦ ପରାମର୍ଶ ଦେଇଛନ୍ତି ।

ଅପରପକ୍ଷେ ଆଜି ସଂଧ୍ୟା ୫ଟାରେ ଶଙ୍ଖଭବନଠାରେ ବିଜେଡି ବିଧାୟକ ଦଳ ବୈଠକ ଏବଂ ସଂଧ୍ୟା ୬ଟାରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି ଆମ ଭୁବନେଶ୍ୱର ସମ୍ବାଦଦାତା ଜଣାଇଛନ୍ତି ।

## ବିଧାନସଭା-ସୁରକ୍ଷା ବ୍ୟବସ୍ଥା

ବିଧାନସଭା ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ବିଧାନସଭାରେ ୨୪ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ । ଡିସିପିଙ୍କ ନେତୃତ୍ୱରେ ୮ଜଣ ଆଡିସନାଲ ଡିସିପି, ୨ କମ୍ପାନୀ ସିଆର୍‌ପିଏଫ୍, ୨ ୟୁନିଟ୍ ସ୍ପେଶାଲ ଟେକ୍ନିକାଲ ୟୁନିଟ୍, ୪ ପ୍ଲାଟୁନ ଏସ୍‌ଓଜି, ଡକ୍‌ସ୍କ୍ୱାର୍ଡ, ବମ୍‌ସ୍କ୍ୱାର୍ଡ, ସାଧା ପୋଷାକରେ ରାଜଧାନୀର ବିଭିନ୍ନ ସ୍ଥାନରେ ଗୁଇନ୍ଦା ଅଧିକାରୀମାନେ ନିୟୋଜିତ ହେବେ । ବିଧାନସଭା ସମୟରେ ଗାନ୍ଧୀମାର୍ଗକୁ ସିସିଟିଭି ସର୍ଭେଲାନ୍ସ ଭିତରେ ରଖାଯିବ । ବିଧାନସଭା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ୮ଗୋଟି ଅସ୍ଥାୟୀ କ୍ୟାମ୍ପ କାର୍ଯ୍ୟାଳୟ ପ୍ରସ୍ତୁତ ହୋଇଛି ।

ଅନ୍ୟପକ୍ଷରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ପୋଲିସ ଡିଜିପି । ବିଧାନସଭା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବ ବୋଲି ସେ ସୂଚନା ଦେଇଛନ୍ତି ।

## କେନ୍ଦ୍ରୀୟ ଟିମ୍-ବାତ୍ୟା କ୍ଷୟକ୍ଷତି ଆକଳନ

ବାତ୍ୟା କ୍ଷୟକ୍ଷତି ଆକଳନ ପାଇଁ ଭୁବନେଶ୍ୱରରେ ୭ଜଣିଆ କେନ୍ଦ୍ରୀୟ ଟିମ୍ ପହଞ୍ଚିଛନ୍ତି । ସେମାନେ ଆଜି ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲା ଗସ୍ତ କରି ବାତ୍ୟା ଦାନାର କ୍ଷୟକ୍ଷତି ଆକଳନ କରୁଛନ୍ତି । ପରେ ସେମାନେ ବାଲେଶ୍ୱର ଜିଲ୍ଲା ଗସ୍ତ କରି ଚଳିତ ବାତ୍ୟା କ୍ଷୟକ୍ଷତି ନେଇ ଅନୁଧ୍ୟାନ କରିବେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀମାନେ ଏହି ଟିମ୍‌ରେ ସାମିଲ ହୋଇଛନ୍ତି ।

# ଗିରିରାଜ-ଜିଆଇ ସମିଟି

ଦେଶର ଅଧିକରୁ ଅଧିକ ଉତ୍ପାଦକୁ ଭୌଗୋଳିକ ମାନ୍ୟତା-ଜି.ଆଇ ଟ୍ୟାଗ୍ ଦେବାକୁ ସରକାର ଉଦ୍ୟମ କରୁଛନ୍ତି ବୋଲି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଜି.ଆଇ. ଏବଂ **ବିରାସତ୍**

**ସେ ବିକାଶ ତକ୍** ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ଦେଶରେ ଥିବା ଅନନ୍ୟ ଉତ୍ପାଦଗୁଡ଼ିକୁ ଖୋଜି ସେଗୁଡ଼ିକୁ ଜି.ଆଇ. ଟ୍ୟାଗ୍ ଦିଆଯାଇ ପାରିବ । ସେ କହିଛନ୍ତି ଅଧିକ ଉତ୍ପାଦକୁ ଜି.ଆଇ. ଟ୍ୟାଗ୍ ପ୍ରଦାନ କରାଗଲେ ଏହାର ବିକ୍ରି ଏବଂ ଲୋକପ୍ରିୟତା ବୃଦ୍ଧି ପାଇବ । ସେ କହିଛନ୍ତି ଏହି ଜି.ଆଇ. ଟ୍ୟାଗ୍ ମାନ୍ୟତା ପ୍ରଦାନ ଦ୍ୱାରା ବୁଣାକାରମାନଙ୍କ ଆୟ ପରିମାଣ ବୃଦ୍ଧି ପାଇବ । ସରକାର ଗାଁରୁ ବିଶ୍ୱ ଆଭିମୁଖ୍ୟ ମାଧ୍ୟମରେ ଅଧିକ ଜି.ଆଇ. ଟ୍ୟାଗ୍‌ଯୁକ୍ତ ଉତ୍ପାଦକୁ ବିକଶିତ କରିବାକୁ ଚାହୁଁଥିବା ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍

ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି ମୁଖ୍ୟମନ୍ତ୍ରୀଙ୍କୁ ଗତକାଲି ଭେଟିଛନ୍ତି । ଶ୍ରୀ ମାଝୀ ନବରଙ୍ଗପୁର ଲୋକସଭା କ୍ଷେତ୍ରର ବିକାଶ ପାଇଁ ଆଲୋଚନା କରିଛନ୍ତି । ଏନେଇ କେତେକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଜିଲ୍ଲାରେ ସାକ୍ଷରତା ହାର କମ୍, ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମି ଅଭାବ, ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ମହାବିଦ୍ୟାଳୟ ପ୍ରତିଷ୍ଠା, ସ୍କୁଲରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ, ବନ୍ଦବଡିଥିବା ବିଦ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ଆଦି ଅନ୍ତର୍ଭୁକ୍ତ । ନବରଙ୍ଗପୁର ଓ

ମାଲକାନଗିରିରେ ନର୍ସିଂ କଲେଜ, ଉମରକୋଟ ଓ ମାଲକାନଗିରିରେ ଗୋଟିଏ ଲେଖାଏଁ ସୁପର ସ୍ପେଶାଲିଟି ଡାକ୍ତରଖାନା, ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ରକ୍ତଭଣ୍ଡାର ଖୋଲିବା ଆଦି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

## ବିଜ୍ଞାନମେଳା

ପୁରୀ ଜିଲ୍ଲା ନିମାପଡାଠାରେ ଥିବା ଜବରା ବାଳିକା ଉଚ୍ଚବିଦ୍ୟାଳୟଠାରେ ଏକଦିବସୀୟ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଶୁଭାରମ୍ଭ କରିଥିଲେ । ପ୍ରଦର୍ଶନୀରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୨୦୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିମଧ୍ୟରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ମନୋନିତ ହୋଇଥିବା ଜଣାପଡିଛି । ପରିବେଶକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ସୋଲାର ଲାଇଟ୍ ବ୍ୟବହାର ଉପରେ ଯେଉଁ ବାର୍ତ୍ତା ପ୍ରଦାନ କରିଛନ୍ତି ସେହି ବାର୍ତ୍ତା ଓ ଚିନ୍ତାଧାରାକୁ ନେଇ ବିଜ୍ଞାନମେଳାରେ ସୋଲାର ପ୍ରମୋଶନ ଉପରେ ପର୍ଯ୍ୟବେଶିତ ଅନେକ ପ୍ରୋଜେକ୍ଟ ପ୍ରଦର୍ଶିତ କରାଯାଇଛି । ଯାହାକୁ ଉପମୁଖ୍ୟମନ୍ତ୍ରୀ ବୁଲି ଦେଖିବା ସହ ପ୍ରଶଂସା କରିଥିଲେ ।

## ଡିଜିପି-ଅଭିଯାନ ଆରମ୍ଭ

ରାଜ୍ୟର କେଉଁ କେଉଁ ଜିଲ୍ଲାରେ ବଡ ଜଙ୍ଗଲ ଏବଂ ପାହାଡ଼ିଆ ଭୂମି ରହିଛି, ତାହାକୁ ନେଇ ଡିଜିପି ଶ୍ରୀ ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ପୋଲିସ ନଭେମ୍ବର ପହିଲାରେ ଏକ ବିଶାଳ ଅଭିଯାନ ଆରମ୍ଭ କରିଛି । ଅଭିଯାନର ୨୪ଦିନ ମଧ୍ୟରେ ୨ହଜାର ୩୭୫ ଏକର ଗଞ୍ଜେଇ ଚାଷ ହୋଇଥିବା ଜମିକୁ ନଷ୍ଟ କରିବାରେ ପୋଲିସ ସକ୍ଷମ ହୋଇଛି । ଏ ପର୍ଯ୍ୟନ୍ତ ୨୮ଲକ୍ଷରୁ ଅଧିକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି ।

## ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡା ଜିଲ୍ଲା ପ୍ରଶାସନ ପକ୍ଷରୁ ମୁନିଗୁଡା ବ୍ଲକ ସଦର ମହକୁମାସ୍ଥିତ ସମ୍ଭାବନା ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ପାରୁଲ ପାଟଓ୍ୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ରାୟଗଡା ଏସ୍‌ପି ସ୍ୱାତି ଏସ୍ କୁମାର, ଡିଏଫ୍‌ଓ, ଗୁଣୁପୁର ଉପଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଛନ୍ତି । ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୯୭ଟି ଅଭିଯୋଗ ଗ୍ରହଣ କରାଯାଇଛି । ସେଥିରୁ ୭୭ଟି ବ୍ୟକ୍ତିଗତ

ଅଭିଯୋଗ ଏବଂ ୨୦ଟି ଗ୍ରାମବାସୀଙ୍କ ସାମୁହିକ ଅଭିଯୋଗ ରହିଥିଲା । ଏଥିରେ ୪ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

## ପଇତାଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମାର୍ଗଶୀର କୃଷ୍ଣ ଦଶମୀ ତିଥିରେ ଶ୍ରୀଜୀଉମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଏହି ଗୁପ୍ତନୀତି ସମାପନ କରାଯିବ। ଏ ନେଇ ପ୍ରାୟ ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।